## ଆଜି କ'ଣ କେଉଁଠି

**ଢେଙ୍କାନାଳ**
- ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଚୈତନ୍ୟ ଝାଙ୍କି
ସ୍ଥାନ: କାଞ୍ଚନବଜାର ପୂଜା ମଣ୍ଡପ
ସମୟ: ସନ୍ଧ୍ୟା ୬ଟା।

## ମାଳପୁରା ଉତ୍ସବମୁଖର



କାମାକ୍ଷାନଗର, ୧୫।୧୦(ଡି.ଏନ.ଏ.): ନବଦିନାତ୍ମକ ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି କାମାକ୍ଷାନଗର ବ୍ଲକର ମାଳପୁରା। ଦୀର୍ଘ ୧୩ ବର୍ଷ ହେଲା ଏଠାରେ ମା' ଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଆସୁଛି। ଏହି ଉପଲକ୍ଷେ ପ୍ରଥମ ଦିବସରେ କଳସ ଯାତ୍ରା କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଗୁରୁବାର ମା'ଙ୍କ ବଡ଼ପୂଜା ଅନୁଷ୍ଠିତ ହେବ। ପୂଜାକୁ ଆକର୍ଷଣୀୟ କରିବାକୁ ସମଗ୍ର ଗ୍ରାମକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରେମାନନ୍ଦ ବିଶ୍ୱାଳ, ଶୁଭାଶିଷ ରାଉତ, ଜ୍ୟୋତିରଞ୍ଜନ ରାଉଳ, ସନ୍ତୋଷ ରାଉଳ, ଶୁଭାଶିଷ ବିଶ୍ୱାଳ, ରମାକାନ୍ତ ବିଶ୍ୱାଳ, ଶାଶ୍ୱତ ସାହୁ, ସତ୍ୟବ୍ରତ ପରିଡ଼ା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଚାଲିଛି।

- ବିଭୂତି ବେହେରା ଗୁଳିମାଡ଼ ମାମଲା

## ଅଭିଯୁକ୍ତ ବଡ଼ଭାଇ ଗିରଫ

ଢେଙ୍କାନାଳ ଅଫିସ, ୧୫।୧୦

ଢେଙ୍କାନାଳ ସଦର ଥାନା ବେଲଟିକିରି ଗ୍ରାମ ତଳସାହି ଗୁଳିକାଣ୍ଡ ଘଟଣାରେ ଅଭିଯୁକ୍ତ ବଡ଼ଭାଇ ଜୟନ୍ତ ବେହେରା ଓରଫ୍ ମିଲୁଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେପ୍ଟେମ୍ବର ୨୮ ରାତି ସାଢ଼େ୮ରେ ଘରୋଇ କଳିକୁ କେନ୍ଦ୍ରକରି ସାନଭାଇ ବିଭୂତି (୩୮)ଙ୍କୁ ମିଲୁ ଗୁଳିମାଡ଼ କରିଥିଲେ। ବିଭୂତିଙ୍କ ଛାତି ଏବଂ ତଳି ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସଦର ଥାନା ପୋଲିସ ସହାୟତାରେ ତାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ତଦନ୍ତ କରି ବନ୍ଧୁକ ଜବତ କରିଥିବାବେଳେ ଅଭିଯୁକ୍ତ ଫେରାର ଥିଲେ। ଏ ସଂକ୍ରାନ୍ତରେ ନଂ. ୩୪୦/୧୯ରେ ମାମଲା ରୁଜୁ କରାଯାଇଛି। କଟକରେ ବିଭୂତିଙ୍କ ଚିକିତ୍ସା ଚାଲିଛି।

## ଏସ୍ଆଇ ନିଲମ୍ବିତ

ଢେଙ୍କାନାଳ ଅଫିସ, ୧୫।୧୦: ଗଁଦିଆ ଥାନାରେ କାର୍ଯ୍ୟରତ ଏସ୍ଆଇ ରବୀନ୍ଦ୍ର କୁମାର ସାହୁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ମଙ୍ଗଳବାର ନିଲମ୍ବିତ କରିଛନ୍ତି। କିଛିଦିନ ତଳେ ଅଞ୍ଚଳରୁ ଏକ କୋଇଲା ଚୋରାଚାଲାଣ ର୍ୟାକେଟ୍ ଧରାପଡ଼ିଥିଲା। ଏହି ମାମଲାର ତଦନ୍ତରେ ଅବହେଳା କରିଥିବା ଜଣାପଡ଼ିବା ପରେ ଏସ୍ଆଇଙ୍କୁ ନିଲମ୍ବିତ କରାଯାଇଥିବା ଏସ୍ପି ଅନୁପମା ଜେମ୍ସ ସୂଚନା ଦେଇଛନ୍ତି।

- ଜବାହରଚୌକ ପ୍ରତିଷ୍ଠାନ ପାଳିବ ପ୍ଲାଟିନମ୍ ଜୁବିଲି

# ଛାମୁଣ୍ଡିଆରୁ କଂକ୍ରିଟ୍ ମଣ୍ଡପ

ରତନ ନାୟାର
ଢେଙ୍କାନାଳ ଅଫିସ, ୧୫।୧୦

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବର ୨ନଂ. ମେଢ଼ ଜବାହରଚୌକ ପୂଜା ପ୍ରତିଷ୍ଠାନ ୭୫ବର୍ଷ ପୂର୍ତ୍ତି ଅବସରରେ ଚଳିତବର୍ଷ ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳନ କରୁଛି। ଏହାକୁ ନେଇ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ବିପୁଳ ଉତ୍ସାହ ଉଦ୍ଦୀପନା ଦେଖାଦେଇଛି।

୧୯୪୪ରେ ହାତଗଣତି ଲୋକଙ୍କୁ ନେଇ ଜବାହାରଚୌକରେ ଆରମ୍ଭ ହୋଇଥିଲା ମା' ଲକ୍ଷ୍ମୀଙ୍କ ଆବାହନ। ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ପୂଜା ଆୟୋଜିତ ହୋଇଆସୁଛି। ପ୍ରଥମେ ତାଳ ଛାମୁଣ୍ଡିଆ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ପୂଜା କରାଯାଉଥିଲା। ଏହା ପରେ ସ୍ଥାନ ପରେ ସ୍ଥାନ ବଦଳାଇ ପୂଜା ଉତ୍ସବ ଆଗେଇ ଚାଲିଲା। ଦୀର୍ଘ ୭୫ବର୍ଷ ପରେ ପ୍ରତିଷ୍ଠାନ ଏବେ ନିଜସ୍ୱ କଂକ୍ରିଟ ମଣ୍ଡପ ପୂଜା ଉତ୍ସବ ପାଳନ କରୁଛି। ୩୦୦ଟଙ୍କାରୁ ଆରମ୍ଭ ହୋଇଥିବା ଏହି ପୂଜାର ବ୍ୟୟ ଅଟକଳ ୧୬ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ସବୁବର୍ଷ ଭଳି ଚିଳିତବର୍ଷ ମଧ ଐତିହ୍ୟ ଏବଂ ପରମ୍ପରା ବଞ୍ଚାଇ ରଖିବାକୁ ଗୁରୁତ୍ୱ ଦେଇଛନ୍ତି କମିଟି କର୍ମକର୍ତ୍ତା। ଆଧ୍ୟାତ୍ମିକ



- ପୂଜାରେ ଖର୍ଚ୍ଚ ଅଟକଳ ୧୬ ଲକ୍ଷ
- ୫୦୦୦ ଶ୍ରଦ୍ଧାଳୁଙ୍କୁ ପରଷାଯିବ ଅବଢ଼ା

ମାର୍ଗରେ ସଚେତନତା ବାର୍ତ୍ତା ନେଇ ମଣ୍ଡପକୁ ସାଜସଜ୍ଜା କରାଯାଇଛି। ସ୍ୱର୍ଣ୍ଣ ମନ୍ଦିରରେ ମା' ଲକ୍ଷ୍ମୀ ବିଜେ କରିଛନ୍ତି। ରଙ୍ଗିନ ଆଲୋକମାଳାରେ ଝଲସି ଉଠିଛି ସମଗ୍ର ଅଞ୍ଚଳ। ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକମାଳା ସାଙ୍ଗକୁ ପୂଜା ମଣ୍ଡପ ସମ୍ମୁଖରେ ସ୍ୱର୍ଣ୍ଣ ମନ୍ଦିରର ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୧୭ରୁ ୨୨ ତାରିଖ ଯାଏ ଧୁମ୍‌ଧାମରେ ସମାରୋହ ଅନୁଷ୍ଠିତ ହେବ। ୫ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପୁରୀରୁ ଅବଢ଼ା ବରାଦ ହୋଇଛି।

### କଳେବର ବଦଳିଛି, ଭିଡ଼ ଜମୁଛି



"ସଭାପତି ଭାବେ ୨୦ ବର୍ଷ ହେଲା ଦାୟିତ୍ୱ ତୁଲାଇ ଆସୁଛି। ଦୀର୍ଘଦିନ ପୂଜା, ସାଜସଜ୍ଜାରେ ଅନେକ ପରିବର୍ତ୍ତନ ହେଲାଣି। ଅତୀତର ଦାସକାଠିଆ, ଅପେରା ଆଉ ନାହିଁ। କନା ଗେଟ୍ ବଦଳରେ ବୈଦ୍ୟୁତିକ ଗେଟ୍ ଅଧିକ ବ୍ୟବହାର ହେଉଛି। କଳେବର ବଦଳିଛି, ଭିଡ଼ ଜମୁଛି। ପ୍ଲାଟିନମ୍ ଜୁବିଲି ଉତ୍ସବକୁ ସ୍ମୃତିମଧୁର କରିବାକୁ ପୂଜା ପ୍ରତିଷ୍ଠାନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

–ନବୀନଚନ୍ଦ୍ର ନାରାୟଣ ଦାସ, ସଭାପତି

### ସମ୍ମାନିତ ହେବେ ବ୍ୟକ୍ତିତ୍ୱ



"ଚଳିତବର୍ଷ ପୂଜା ପ୍ରତିଷ୍ଠାନ ୭୫ବର୍ଷ ପୂର୍ତ୍ତି ପାଳନ କରୁଛି। ଏହାକୁ ଆକର୍ଷଣୀୟ କରିବାକୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ଅକୁଣ୍ଠ ସହଯୋଗ କରୁଛନ୍ତି। ୧୭ରୁ ୨୨ ତାରିଖ ଯାଏ ପ୍ଲାଟିନମ୍ ଜୟନ୍ତୀ ସମାରୋହ ପାଳିତ ହେବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ୧୬ଲକ୍ଷ ଟଙ୍କାର ବଜେଟ ରଖାଯାଇଛି।

–ସୁଧାଂଶୁ କୁମାର ଦଳେଇ, ସମ୍ପାଦକ

- ନଟରାଜ କୁମାରୋତ୍ସବ ଉଦ୍‌ଯାପିତ

## ପ୍ରଶାନ୍ତ ନନ୍ଦଙ୍କୁ ଭଜନ ସମ୍ରାଟ ଭିକାରି ବଳ ସମ୍ମାନ



ପ୍ରଶାନ୍ତ ନନ୍ଦଙ୍କୁ ଭଜନ ସମ୍ରାଟ ଭିକାରି ବଳ ସମ୍ମାନରେ ସମ୍ମାନିତ କରାଯାଉଛି।

ଢେଙ୍କାନାଳ ଅଫିସ, ୧୫।୧୦

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ୩୪ତମ ନଟରାଜ କୁମାରୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମସ୍ଥିତ ଗଜଲକ୍ଷ୍ମୀ କଳାମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ସମ୍ମାନିତ ଅତିଥି ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ୩୪ବର୍ଷ ଧରି କୁମାରୋତ୍ସବ ମାଧ୍ୟମରେ ପ୍ରତିଭାବାନ କଳାକାରମାନେ ଆଗକୁ ବଢ଼ିବାର ସୁଯୋଗ ପାଉଛନ୍ତି। ଅନୁଷ୍ଠାନ ପକ୍ଷରୁ ନିରବଚ୍ଛିନ୍ନ ଭାବେ କରାଯାଉଥିବା ଏପରି ପ୍ରୟାସ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଏହି ଉପଲକ୍ଷେ ରାଜ୍ୟସଭା ସଦସ୍ୟ ତଥା ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଭିନେତା ପ୍ରଶାନ୍ତ ନନ୍ଦଙ୍କୁ ରାଜ୍ୟସ୍ତରୀୟ ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିଜ ପ୍ରତିକ୍ରିୟାରେ ସେ କହିଲେ, କଳାକାର ପାଇଁ ଅର୍ଥ ବଡ଼କଥା ନୁହେଁ। ଦୁଇଟି ତାଳି ତା' ପାଇଁ ଯଥେଷ୍ଟ। ଲକ୍ଷ୍ୟ ଠିକ୍ ଥିଲେ ସଫଳତା ଆପେ ଆସି ପହଞ୍ଚିବ। ଏଥିସହ କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟକୁ 'ଗୁରୁ ଗଙ୍ଗାଧର ପ୍ରଧାନ ସ୍ମାରକୀ ପୁରସ୍କାର' ଏବଂ ନୃତ୍ୟଗୁରୁ ଜିତେନ୍ଦ୍ର କୁମାର ଷଣ୍ଢଙ୍କୁ 'ନଟରାଜ ନୃତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କୌତୁକ ବେଶପୋଷାକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜିଜ୍ଞାସୁ ଏ.ଆର. ସାହୁ ଏବଂ ଶିଶୁ କଣ୍ଠଶିଳ୍ପୀ ଅଂଶୁମାନ ଭରଦ୍ୱାଜ ମଧ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ଅନୁଷ୍ଠାନର ଉପସଭାନେତ୍ରୀ ପ୍ରୋତିମା ସିହ୍ନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ସଭାପତି କୃଷ୍ଣକୁମାର ମିଶ୍ର, ସମ୍ପାଦକ ଅଶୋକ ଦାସ, ନିରଦାନନ୍ଦ ନନ୍ଦ, ଶତ୍ରୁଘ୍ନ ମାଟି, ସତ୍ୟନାରାୟଣ କର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

- ଆଞ୍ଚଳିକ ସମସ୍ୟାର ସମାଧାନ ଦାବି

## ଜିଲାପାଳଙ୍କୁ ଫେରାଦ ହେଲା ଯୁବ ବିଜେଡି

ପରଜଙ୍ଗ, ୧୫।୧୦(ଡି.ଏନ୍.ଏ.)

ପରଜଙ୍ଗ ଅଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଛି ବ୍ଲକ ଯୁବ ବିଜେଡି। ଜିଲା ପ୍ରଶାସନ ଏହାର ତୁରନ୍ତ ସମାଧାନ ନ କଲେ ଆନ୍ଦୋଳନ କରିବାକୁ ଦଳୀୟ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

ବାରମ୍ବାର ଦାବିସତ୍ତ୍ୱେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ହେଉନାହିଁ। ଏଠାରେ କାର୍ଯ୍ୟରତ ୨ଜଣ ଏମ୍‌ବିବିଏସ୍ ଡାକ୍ତର ନିୟମିତ ଆସୁ ନ ଥିବାରୁ ସମସ୍ୟା ହେଉଛି। ମୃତଦେହ ବ୍ୟବଚ୍ଛେଦ ଲାଗି ତାଳଚେର କିମ୍ବା କାମାକ୍ଷାନଗର ଡାକ୍ତରଖାନାକୁ ନେବାକୁ ପଡୁଛି। ସେହିପରି ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସରଣ ଚାଲୁଥିବାରୁ ବହ୍ଳର ଛକରୁ କାମାକ୍ଷାନଗର ଯାଏ ରାସ୍ତା ଶୋଚନୀୟ ହୋଇପଡ଼ିଛି। ନୋ-ଏଣ୍ଟ୍ରି ସତ୍ତ୍ୱେ ପିତିରିରୁ ଭାରିଯାନ ଛଡ଼ାଯାଉଛି। ରାସ୍ତା କାମରେ ନିୟୋଜିତ ଭାରିଯାନ ଚଳାଚଳ ଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଜରୁରୀ କାର୍ଯ୍ୟରେ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ସମସ୍ୟାର ସମାଧାନ କରିବାକୁ ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ସରପଞ୍ଚ ପ୍ରିୟଜିତ୍ ସାମଲ, ସମିତିସଭ୍ୟ ମୀନକେତନ ସାମଲ, ଯୁବନେତା ତପୁନ ସାମଲ, ଗୁଡୁ ଦଳବେହେରା, ପିଙ୍କୁ ରାଉତ, ବିଲୁ ସାମଲ ପ୍ରମୁଖ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଫଟୋରେ ଖବର



ଢେଙ୍କାନାଳ ମହିଷାପାଟ ପଡ଼ିଆରେ ଆୟୋଜିତ ଜାତୀୟସ୍ତରୀୟ ସରସମେଳାରେ ବରଗଡ଼ ଜିଲାର ସୁରଝଙ୍କାର ଅନୁଷ୍ଠାନ ପକ୍ଷରୁ ପରିବେଷିତ ଲୋକନୃତ୍ୟ।

## ମଣ୍ଡପରେ ମହାଲକ୍ଷ୍ମୀ



▲ଢେଙ୍କାନାଳ କୈବଲ୍ୟ ବଜାର, ଢେଙ୍କାନାଳ।



▲କାଞ୍ଚନବଜାର, ଢେଙ୍କାନାଳ।



▲ମହାବୀର ବଜାର, ଢେଙ୍କାନାଳ।



▲ଘଟିପିରି ବଜାର, ଓଡ଼ାପଡ଼ା।



▲ବାଲିମୀ ପୂଜା ପ୍ରତିଷ୍ଠାନ।



▲ବାଙ୍କଟିଆ ପୂଜା ମଣ୍ଡପ, ରାସୋଳ।



▲ସାନହିନ୍ଦୋଳ ପୂଜା ପ୍ରତିଷ୍ଠାନ।



▲ପଞ୍ଚପଡ଼ା ବେଲବାହାଳସାହି ପୂଜାମଣ୍ଡପ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଚାଷୀ ଆହତ

ବନ୍ତଲା,୧୫।୧୦(ଡି.ଏନ.ଏ.): ଅନୁଗୋଳ ରେଞ୍ଜ ମାଣିକ ଯୋଡି ଗ୍ରାମ ନିକଟରେ ମଙ୍ଗଳବାର ହାତୀ ଆକ୍ରମଣରେ ଚାଷୀ ମୁକୁନ୍ଦ ପ୍ରଧାନ(୩୨) ଆହତ ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୁକୁନ୍ଦ ସକାଳେ ଧାନ ଫସଲକୁ ମଞ୍ଚାରେ ଜଗି ରହିଥିବାବେଳେ ଏକ ଦନ୍ତାହାତୀ ଆସି ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହିତ ଆହତଙ୍କୁ ଚିକିତ୍ସା ଯୋଗାଇ ଦେବା ପାଇଁ ସହଯୋଗ କରିଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

ବଇଣ୍ଡା,୧୫।୧୦(ଡି.ଏନ.ଏ.): କିଶୋରନଗର ବ୍ଲକର ଅବସରପ୍ରାପ୍ତ ବିଡିଓ ରବୀନ୍ଦ୍ରନାଥ ମଲ୍ଲିକଙ୍କ ପିତା ସାମାଜିକ କର୍ମୀ ମଗୁଚନ୍ଦ୍ର ମଲ୍ଲିକ(୮୩)ଙ୍କ ସୋମବାର ତାଙ୍କ ବାସଭବନ ଜଗତସିଂହପୁର ଜିଲା ବସନଧରା ନିକଟସ୍ଥ ବନ୍ଧିଲୋ ଗ୍ରାମରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକକୁ ନେଇ କିଶୋରନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ସପରିବାର ଉପସ୍ଥିତ ଥିଲେ।

■ ୫-ଟି ସଚିବଙ୍କ ସମ୍ଭାବ୍ୟ ଗସ୍ତକୁ ନେଇ ମେଡିକାଲରେ ଛନକା

# ସୌନ୍ଦର୍ଯ୍ୟ ବଢ଼ାଇବାକୁ ରଖାଗଲା ଫୁଲଗଛ

ଅନୁଗୋଳ ଅଫିସ, ୧୫।୧୦



■ଅପରାହ୍ଣରେ ପହଞ୍ଚିଲେ ଏସ୍‌ପି

■ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା

■ଆଶ୍ୱସ୍ତ ହେଲେ କର୍ତ୍ତୃପକ୍ଷ, କର୍ମଚାରୀ

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମର ତଦାରଖ ପାଇଁ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କଠାରୁ ଆରମ୍ଭ କରି ଅନ୍ୟ ବରିଷ୍ଠ ଅଧିକାରୀମାନେ ସରକାରୀ କାର୍ଯ୍ୟାଳୟ, ଥାନା, ମେଡିକାଲ ପରିଦର୍ଶନରେ ଯାଉଛନ୍ତି। କର୍ତ୍ତବ୍ୟରେ ଅବହେଳା ଥିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାରୁ ଏବେ ଏହାକୁ ନେଇ ସବୁଠି ଛନକା ପଶିଯାଇଛି। ଏଥିରୁ ବାଦ୍ ପଡ଼ିନି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ। ମଙ୍ଗଳବାର ଅନୁଗୋଳ ମେଡିକାଲ ପରିଦର୍ଶନରେ ୫-ଟି ସଚିବ ଆସିବେ ବୋଲି ଚର୍ଚ୍ଚା ହେବା ପରେ ଚଳଚଞ୍ଚଳ ହୋଇପଡ଼ିଥିଲେ କର୍ତ୍ତୃପକ୍ଷ ଓ କର୍ମଚାରୀ। ମେଡିକାଲର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସମସ୍ତ ୱାର୍ଡ ଓ ଆଉଟଡୋର ସମ୍ମୁଖରେ ଫୁଲକୁଣ୍ଡମାନ ରଖାଯାଇଥିବା ବେଳେ ଘଣ୍ଟାକୁ ଘଣ୍ଟା ସଫେଇ ଓ ବ୍ଲିଚିଂ ପକାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏପରି କି ମେଡିକାଲ ପରିସରରେ ପାର୍କିଂ ବ୍ୟବସ୍ଥାରେ ମଧ୍ୟ ସୁଧାର ଅଣାଯାଇଥିଲା। ଧାଡ଼ିରେ ଲୋକଙ୍କୁ ଛିଡ଼ା କରାଇ ବର୍ହିର୍ବିଭାଗକୁ ଗୋଟିଏ ପରେ ଗୋଟିଏ ରୋଗୀଙ୍କୁ ଛଡ଼ାଯାଉଥିଲା। ଏଥିସହ ଗୁରୁତର ରୋଗୀଙ୍କୁ ପ୍ରାଥମିକତା ଦେଇ ଚିକିତ୍ସା କରାଯାଉଥିଲା। ମେଡିକାଲର ଟିକେଟ୍ କାଉଣ୍ଟର ପାଖରୁ ଆରମ୍ଭ କରି ନିରାମୟ ଔଷଧ ବିତରଣ କେନ୍ଦ୍ର ପର୍ଯ୍ୟନ୍ତ ସବୁଆଡ଼େ ନମ୍ର ବ୍ୟବହାର ଦେଖିବାକୁ ମିଳିଥିଲା। କିନ୍ତୁ ଅପରାହ୍ଣରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ମେଡିକାଲରେ ପହଞ୍ଚିବା ପରେ କର୍ତ୍ତୃପକ୍ଷ ଆଶ୍ୱସ୍ତ ହେବା ସହ ନିଜ ନିଜ ସ୍ଥାନରେ କାର୍ଯ୍ୟ କରିବାକୁ ଚାଲିଯାଇଥିଲେ।

ଏସ୍‌ପି ମୀନା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଆଲୋଚନା କରିବା ପରେ ମେଡିକାଲ ଫାଣ୍ଡି ବୁଲି ଦେଖିଥିଲେ। ଫାଣ୍ଡିର ଉନ୍ନୟନ ପାଇଁ ଏସ୍‌ଡିପିଓ ଅଶ୍ୱନୀ ସାହୁ ଓ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ସହ ଏସ୍‌ପି ଆଲୋଚନା କରିଥିଲେ। ଏପରି କି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତିଙ୍କ ସହ ମଧ୍ୟ କଥା ହୋଇଥିଲେ। ଫାଣ୍ଡିରେ ୨୪ ଘଣ୍ଟିଆ ଡ୍ୟୁଟି କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେବା ସହ ଉନ୍ନତି ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ହିସାବ ମାଗିଥିଲେ। ଫାଣ୍ଡିରେ ଶୌଚାଳୟ, ପୋଲିସ କର୍ମଚାରୀଙ୍କ ବିଶ୍ରାମ ଗୃହ ନିର୍ମାଣ କରାଯିବ। ଫାଣ୍ଡି ସମ୍ମୁଖରେ ବଡ଼ ଅକ୍ଷରରେ ଏକ ବୋର୍ଡ ଲଗାଇବାକୁ ମଧ୍ୟ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ।

## ଆସିଲା ନୂଆ ଥାଳି, ସିସିଟିଭି ମରାମତି

ଅନୁଗୋଳ ଅଫିସ, ୧୫।୧୦

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବାରେ ଲାଗିଛି। ଏଥିଯୋଗୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାରେ ଉନ୍ନତି ଆସିଥିବା ବେଳେ ଆହାର କେନ୍ଦ୍ରର ସ୍ଥିତିରେ ମଧ୍ୟ ସୁଧାର ଅଣାଯାଇଛି। ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ରରେ ଲୋକଙ୍କ ଖାଇବା ପାଇଁ ପୂର୍ବରୁ ୧୬୦ଟି ଥାଳି ରହିଥିଲା। ସିସିଟିଭି ମଧ୍ୟ ଦୀର୍ଘଦିନ ହେଲା ଖରାପ ଅବସ୍ଥାରେ ପଡ଼ିରହିଥିଲା। କିନ୍ତୁ ସୋମବାର ରାତିରେ ଉକ୍ତ ସିସିଟିଭିର ମରାମତି କରାଯାଇଥିବା ବେଳେ ଫାଟିଯାଇଥିବା ଥାଳି ଗୁଡ଼ିକୁ ମଧ୍ୟ ବଦଳା ଯାଇଛି। ନୂଆ ଥାଳି ଅଣାଯାଇଥିବାରୁ ଆହାର କେନ୍ଦ୍ରରେ ମୋଟ ଥାଳି ସଂଖ୍ୟା ଦୁଇଶହରେ ପହଞ୍ଚିଥିବା ସୂଚନା ମିଳିଛି। ଏ ନେଇ ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଥାଳି କମ୍ ନ ଥିଲା। କିଛି ଥାଳି ଫାଟି ଯାଇଥିଲା। ତେଣୁ ନୂଆ ୪୦ଟି ଥାଳି କିଣାଯାଇଛି। ଏଥିସହ ସିସିଟିଭି ତାର କଟିଯାଇଥିବାରୁ ନୂଆ ତାର ଲଗାଯାଇଛି ବୋଲି ସେ କହିଛନ୍ତି।

# ଅନୁଗୋଳ ଜିଲାର ବିଭିନ୍ନ ମଣ୍ଡପରେ ମା' ଲକ୍ଷ୍ମୀ


ତାଳଚେର ବଡ଼ଦାଣ୍ଡ ସାହି


ତାଳଚେର ବାଉଁଶଗାଡ଼ିଆ ସାହି


ତାଳଚେର ମଝି ସାହି


ତାଳଚେର ଗୋଛାୟତ ସାହି


ତାଳଚେର ନୀଳାଚଳ ମହାଲକ୍ଷ୍ମୀ ପୂଜା କମିଟି


ତାଳଚେର ଦେଉଳ ଛକ


ତାଳଚେର ସୁପର ମାର୍କେଟ୍


ତାଳଚେର ଏମଏଲଏ ଛକ


ତାଳଚେର ଚାରଗାଡ଼ିଆ ଲକ୍ଷ୍ମୀ ପୂଜା କମିଟି


ଅନୁଗୋଳ ହରିମହୁରୀ ଛକ


ଅନୁଗୋଳ ବଜାର ଛକ ତୋରଣ


ଅନୁଗୋଳ କାଞ୍ଚନ ବଜାର ଛକ ତୋରଣ


ଅନୁଗୋଳ କାଞ୍ଚନବଜାର ଛକ


ଅନୁଗୋଳ କଳିଙ୍ଗ ମାର୍କେଟ


ଅନୁଗୋଳ ଲକ୍ଷ୍ମୀ ବଜାର


ଅନୁଗୋଳ ଶାନ୍ତି ବଜାର


ତାଳଚେର ହରଗୌରୀ ମହାଲକ୍ଷ୍ମୀ


ଅନୁଗୋଳ ଅମଲାପଡ଼ା


ଅନୁଗୋଳ ଶିକ୍ଷକପଡ଼ା


ଅନୁଗୋଳ ମାଛ ମାର୍କେଟ


ଅନୁଗୋଳ ଜଗଦେବ ସିଂ ପୂଜା କମିଟି

## ସଂକ୍ଷେପରେ

### ଚୋରି ଟ୍ରକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ,୧୫।୧୦:** ଅନୁଗୋଳ କାଲଟାକ୍ସ ଛକ ଦଶହରା ପଡ଼ିଆ ନିକଟରୁ ଚୋରି ହୋଇଥିବା ଏକ ଟ୍ରକ୍‌କୁ ଅନୁଗୋଳ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ପାଲଲହଡ଼ା ଥାନା ଅଞ୍ଚଳର ରାକେଶ ମହାକୁଡ଼(୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଗତ ୧୩ ତାରିଖ ରାତିରେ କାଲଟାକ୍ସ ଛକରୁ ଉକ୍ତ ଟ୍ରକ୍‌କୁ ରାକେଶ ଚୋରି କରି ନେଇଥିଲେ। ଏ ନେଇ ତୁରଙ୍ଗ ଅଞ୍ଚଳର ଟ୍ରକ୍ ମାଲିକ ରଞ୍ଜିତ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୩୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ, ୨ ଅଟକ

**ଅନୁଗୋଳ ଅଫିସ,୧୫।୧୦:** ଜନୈକା ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ତାଙ୍କ ବାପାଙ୍କୁ ମାରପିଟ୍ ଅଭିଯୋଗରେ ଅନୁଗୋଳ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଅଟକ ରଖିଛି। ଅନ୍ୟ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସୋମବାର ରାତିରେ ସମ୍ପୃକ୍ତା ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ତେବେ ଥାନାରେ କାହିଁକି ଅଭିଯୋଗ କଲ କହି ସମ୍ପୃକ୍ତ ଅଭିଯୁକ୍ତମାନେ ମଙ୍ଗଳବାର ପୁନର୍ବାର ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏହାକୁ ତାଙ୍କ ବାପା ବିରୋଧ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଦୁଇ ଯୁବକଙ୍କୁ କାବୁ କରିଥିବାବେଳେ ଅନ୍ୟ ଦୁଇ ଯୁବକ ଦୌଡ଼ି ପଳାଇ ଯାଇଥିଲେ। ଏ ନେଇ ଅନୁଗୋଳ ପୋଲିସ କହିଛି, ଏମାନେ ଗଣ୍ଡଗୋଳ କରି ଆସିଥିବାରୁ ଧରା ଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଟଣା,୧୫।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତ ବେଲପଶି ଗ୍ରାମ ଜଙ୍ଗଲରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ତୁରୁମୁଙ୍ଗା ପୋଲିସ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲା ରରୁଆଁ ଥାନା ଆଦିପୁର ଗ୍ରାମର ଉମେଶ ଦାସ। ସୂଚନା ଅନୁଯାୟୀ, ଯୁବକ ଜଣକ ଶ୍ୱଶୁର ଘର ବେଲପଶିକୁ ଲକ୍ଷ୍ମୀପୂଜା ଦେଖିବା ପାଇଁ ରବିବାର ବୁଲିବାକୁ ଆସିଥିଲେ। ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ସେ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

■ମୋ ସ୍କୁଲ ପରିଚାଳନା ସଙ୍ଗଠନ ଅଧ୍ୟକ୍ଷାଙ୍କ ଅନୁଗୋଳ ଗସ୍ତ

# ସ୍କୁଲ ସହ ପୁରାତନ ଛାତ୍ରଙ୍କୁ ଯୋଡ଼ିବାକୁ ପରାମର୍ଶ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୧୫।୧୦**

ଅନୁଗୋଳ ଜିଲାରେ ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚି ଜିଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ ଏହି ଅଭିଯାନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଅଧ୍ୟକ୍ଷା ଫୁଲପଡ଼ା ଉଚ୍ଚ ବିଦ୍ୟାଳୟ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଓ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିଲେ। ଏହାପରେ ବିଦ୍ୟାଳୟର ଉନ୍ନତି ନିମନ୍ତେ ପୁରାତନ ଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ ହୋଇଥିବା ଏକ ମୁକ୍ତ ମଞ୍ଚକୁ ଅଧ୍ୟକ୍ଷା ଉଦ୍‌ଘାଟନ କରିବା ସହ ଶୈକ୍ଷିକ ବାତାବରଣ ଓ ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ଅପରାହ୍ନରେ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷା ଯୋଗଦେଇ ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ମୋ ସ୍କୁଲ ଅଭିଯାନ ରାଜ୍ୟ ସରକାରଙ୍କ ଏକ ଶ୍ରେଷ୍ଠ ପ୍ରୟାସ ହୋଇଥିବାରୁ ପୁରାତନ ଛାତ୍ରମାନଙ୍କୁ ବିଦ୍ୟାଳୟର ଆବେଗ ସହିତ ଯୋଡ଼ିବାକୁ ସେ ପରାମର୍ଶ ଦେଇଥିଲେ। ଯେଉଁମାନେ ବିଦ୍ୟାଳୟର ଉନ୍ନତି ପାଇଁ ଅର୍ଥ ଦାନ ଦେଉଛନ୍ତି ସେମାନଙ୍କୁ ଏକ ଶୁଭେଚ୍ଛାମୂଳକ ପ୍ରାପ୍ତି ସ୍ୱୀକୃତି ପତ୍ର ପ୍ରଦାନ କରିବାକୁ ଅଧ୍ୟକ୍ଷା କହିଥିଲେ। ଏହି ଅଭିଯାନର ସମସ୍ତ ତଥ୍ୟ ପୋର୍ଟାଲରେ ରଖିବା ଉପରେ ଅଧ୍ୟକ୍ଷା ଗୁରୁତ୍ୱ ଦେଇଥିଲେ। ଏହାଛଡ଼ା ମିଶନ ଜିରୋ ଏଫ୍‌ରେ ଦୁର୍ବଳ ପିଲାଙ୍କୁ ସ୍ୱତନ୍ତ୍ର ଭାବେ ପଢ଼ାଇବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ। ଅନୁଗୋଳ ଜିଲାରେ ୧୪୭ଟି ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇ ଆଲୁମିନିଙ୍କ ଠାରୁ ୮୧ ଲକ୍ଷ ଟଙ୍କା ଦାନ ସୂତ୍ରରେ ପ୍ରାପ୍ତ ହୋଇଥିବା ଅଧ୍ୟକ୍ଷା କହିଥିଲେ। ଏହି ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଆସୁଥିବା ଅନୁଦାନରେ ଠିକ୍ ବିନିଯୋଗ କରିବା ସହ ଅବସରପ୍ରାପ୍ତ ଶିକ୍ଷାବିତ୍‌ମାନଙ୍କୁ ସ୍ୱେଚ୍ଛାକୃତ ଭାବେ ଶିକ୍ଷାଦାନର ସୁଯୋଗ ଦେବା ଉପରେ ମତ ରଖିଥିଲେ। ୧୪୭ଟି ବିଦ୍ୟାଳୟ ପାଇଁ ୨୩୦ଟି ପ୍ରକଳ୍ପ ବାବଦରେ ମ୍ୟାଚିଙ୍ଗ ଗ୍ରାଣ୍ଟ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୩୬ଟି ପ୍ରକଳ୍ପ କାର୍ଯ୍ୟ ସରି ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବ୍ଲକ ଶିକ୍ଷା ଅଧିକାରୀମାନେ ଯୋଗଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ବିଧାୟକ ପାଲ ଉଦ୍‌ଘାଟନ କରୁଛନ୍ତି।

**ପାଲଲହଡ଼ା,୧୫।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଷ୍ଟାଡିୟମଠାରେ ୩୧ ତମ ରାଜ୍ୟସ୍ତରୀୟ ପାଲଲହଡ଼ା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଅନୁଗୋଳ ଜିଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ଯୋଗ ଦେଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ବନଦୁର୍ଗା ଫୁଟବଲ ଆସୋସିଏଶନ କ୍ଲବ ଏବଂ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନଦୁର୍ଗା ଫୁଟବଲ ଆସୋସିଏଶନ କ୍ଲବ ୬-୦ ଗୋଲରେ ପପୁଲର କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ପ୍ରଶାନ୍ତ କୁମାର ପାଲ, ସଲିଲ ବେହେରା, ଦିଲୀପ ରାଉତ, ଭୋଳେଶ୍ୱର ଗାଗରାଇ ପରିଚାଳନା କରିଥିଲେ। ପାଲଲହଡା ଉପଖଣ୍ଡ ଫୁଟବଲ ଆସୋସିଏଶନ ଅଧ୍ୟକ୍ଷ ସୁଧାକର କପର୍ଦ୍ଦାର, ସଭାପତି ନେତ୍ରାନନ୍ଦ ମହାକୁଳ, ସମ୍ପାଦକ ପ୍ରଶାନ୍ତ ଦାଶ, ଅଭୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

■ ନାବାଳିକାଙ୍କୁ ବଳାତ୍କାର ଘଟଣା

# ୨ ଅଭିଯୁକ୍ତ ଗିରଫ

**ଆନନ୍ଦପୁର,୧୫।୧୦(ସ୍ୱ.ପ୍ର.)**

ଘସିପୁରା ଥାନା ପୋଲିସ ସୋମବାର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି କରିଥିଲା। ଉଭୟଙ୍କୁ ପଚରାଉଚରା ପରେ ପୋଲିସ ଘଟଣାର ସତ୍ୟତା ହାସଲ କରିଥିଲା। ପୀଡିତା ନାବାଳିକାଙ୍କୁ ୨ ଅଭିଯୁକ୍ତ ଗଣବଳାତ୍କାର କରିଥିବା ଘସିପୁରା ଥାନା ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି। ଉଭୟ ଅଭିଯୁକ୍ତଙ୍କର ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଛି। ୬ ପୋକସୋ ଆକ୍ଟ ବଳରେ ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କେନ୍ଦୁଝର ସ୍ପେଶାଲ ଜଜ୍ କୋର୍ଟରେ ହାଜର କରାଇଛି। ସେଠାରେ ଜାମିନ ନାମଞ୍ଜୁର ହେବା ପରେ ଉଭୟ ଅଭିଯୁକ୍ତଙ୍କୁ କେନ୍ଦୁଝର ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଦୁଇଜଣ ହେଉଛନ୍ତି ଘସିପୁରା ଥାନା ଓସ୍ତପୁରା ଅଞ୍ଚଳର ଈଶ୍ୱର ଲାହୋର(୨୦) ଏବଂ ଧନେଶ୍ୱର ମୁର୍ମୁ(୨୨)। ଉଭୟ ଅଭିଯୁକ୍ତ ଗତ ଶନିବାର ଘସିପୁରା ଥାନା ଯୁଗଳକିଶୋରପୁର ଠାରେ ଅନୁଷ୍ଠିତ ହେଉଥିବା ଏକ ଫୁଟବଲ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ଖେଳ ସରିବା ପରେ ଉଭୟ ସେଠାରେ ତାଙ୍କର କେତେକ ସାଙ୍ଗମାନଙ୍କ ସହିତ ସମୟ ବିତାଇ ନିଜ ଘର ଓସ୍ତପୁରାକୁ ଫେରୁଥିଲେ। ଉଭୟ ଘରକୁ ଫେରିବା ବାଟରେ ପିଡିତା ନାବାଳିକାଙ୍କୁ ରାସ୍ତାରେ ଏକୁଟିଆ ପାଇ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ଟେକି ନେଇ ବଳାତ୍କାର କରିଥିଲେ। ଏହି ଘଟଣା ସମ୍ପର୍କରେ ପିଡିତାଙ୍କ ଠାରୁ ପରିବାର ଲୋକେ ଜାଣିବାକୁ ପାଇଥିଲେ। ପରେ ପୀଡିତାଙ୍କ ବାପା ଘସିପୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ. ୧୯୨/୧୯)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଦାବି

**ଚମ୍ପୁଆ, ୧୫।୧୦(ଡି.ଏନ.ଏ)**

ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତରେ ସରପଞ୍ଚଙ୍କ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗରେ ଉକ୍ତ ପଞ୍ଚାୟତର ୧୧ ୱାର୍ଡମେମ୍ବର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଦାବିକରି ଚମ୍ପୁଆ ଉପଜିଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଚାରୁଲତା ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ୨୦୧୭-୧୮ ମସିହାର ୪ର୍ଥ ଏସ.ଏଫ.ସି ଓ ୧୪ତମ ସି.ଏଫ.ସି ଯୋଜନାର ଅର୍ଥ ଡ୍ରେନ କାମ ପାଇଁ ଆସିଥିବା ବେଳେ ତାହା ହୋଇ ନ ଥିବା ତଥା କଙ୍କଡା ପ୍ରାଥମିକ ବିଦ୍ୟାଳୟ ପାଇଁ ଆସିଥିବା ୧ ଲକ୍ଷ ଟଙ୍କା କାର୍ଯ୍ୟକାରୀ ହୋଇ ନାହିଁ। ସରପଞ୍ଚଙ୍କ ଏତାଦୃଶ କାର୍ଯ୍ୟକୁ ବିରୋଧ କରି ଅନାସ୍ଥା ଆଣିବା ପାଇଁ ଦାବି କରିଛନ୍ତି। ଏ ନେଇ ସହକାରୀ ଜିଲାପାଳ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

■ଫିକା ପଡୁଛି ପୂଜାର ମଜା

# ପୋଲିସର ଗାଡ଼ି ଯାଞ୍ଚକୁ ନେଇ ଅସନ୍ତୋଷ

**ଅନୁଗୋଳ ଅଫିସ, ୧୫।୧୦**

ପାର୍ବଣକୁ ନେଇ ଅନୁଗୋଳ ସହର ଉତ୍ସବମୁଖର ହୋଇପଡ଼ିଥିବା ବେଳେ ଗାଡ଼ି ଯାଞ୍ଚ ନାମରେ ପୋଲିସର ଜୁଲମ୍ ଏବେ ଅସନ୍ତୋଷର କାରଣ ହୋଇଥିବା ଚର୍ଚ୍ଚା ହେଉଛି। ସରକାର ଦେଇଥିବା ଟାର୍ଗେଟ ପୂରଣ ପାଇଁ ପୋଲିସ ପୂଜା ପର୍ବ ଦେଖିବାକୁ ଆସୁଥିବା ଲୋକଙ୍କ ମୁଣ୍ଡରେ ହାତ ବୁଲାଉଥିବା କୁହାଯାଉଛି।

ଲକ୍ଷ୍ମୀ ପୂଜା ପାଇଁ ଅନୁଗୋଳ ସହରରେ ଏବେ ପ୍ରବଳ ଭିଡ଼ ହେଉଛି। ଗ୍ରାମାଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପରିବାର ଧରି ପୂଜା ଦେଖିବାକୁ ଆସୁଥିବାରୁ ପୋଲିସ ସେମାନଙ୍କୁ ଟାର୍ଗେଟ୍ କରିବା ଆରମ୍ଭ କରିଥିବା ଆଲୋଚନା ହେଉଛି। ସହରର ପିଟିସି ଛକ, ଥାନା ଛକ, କାଞ୍ଚନ ଟକିଜ ଛକ, ହୁଲୁରିସିଂହା ଛକ, ଶିଶୁ ଉଦ୍ୟାନ ଛକ ଆଦି ସ୍ଥାନରେ ସିସିଟିଭି ତଳେ ଠିଆ ହୋଇ ପୋଲିସ ଦିନତମାମ ବାଇକ୍‌ଧାରୀ ଆଇନ ଉଲ୍ଲଂଘନକାରୀଙ୍କଠାରୁ ଫାଇନ ଆଦାୟ କରୁଛି। ଫଳରେ ହାତରେ କେଇଟା ଟଙ୍କା ଧରି ବର୍ଷକରେ ଥରେ ପୂଜାର ମଜା ନେବାକୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକମାନେ ପୋଲିସକୁ ଫାଇନ ଦେଇ ନିରାଶ ହେଉଥିବା କହୁଛନ୍ତି। ମଙ୍ଗଳବାର ତଳମୂଳ ଅଞ୍ଚଳରୁ ପୂଜା ଦେଖାଇବାକୁ ପିଲାଙ୍କୁ ବାଇକ୍‌ରେ ଆଣିଥିବା ଜଣେ ବ୍ୟକ୍ତି ଡ୍ରାଇଭିଂ ଲାଇସେନ୍ସ ଆଣିବାକୁ ଭୁଲି ଯାଇଥିବାରୁ ୫ଶହ ଟଙ୍କା ଜରିମାନା ଦେଇଛନ୍ତି। ଫଳରେ ହାତରେ ଆଉ ଟଙ୍କା ନ ଥିବାରୁ ପିଲାଙ୍କୁ ପୂଜା ଦେଖାଇ ନ ପାରି ସେ ଘରକୁ ଫେରିଯାଇଥିବା କ୍ଷୋଭର ସହ କହିଛନ୍ତି। କେବଳ ସମ୍ପୃକ୍ତ ବ୍ୟକ୍ତି ନୁହନ୍ତି ତାଙ୍କ ପରି ଅନେକ ବାଇକ୍ ଆରୋହୀ ଜରିମାନା ଦେଇଥିବାରୁ ପୂଜାର ମଜା ନେଇପାରି ନ ଥିବା ଅଭିଯୋଗ କରିଛନ୍ତି। ଅନୁଗୋଳ ପୋଲିସକୁ ମାସକରେ ୪ଶହ ଭିସିଆର କାଟିବାକୁ ଟାର୍ଗେଟ ଦିଆଯାଇଥିବାରୁ ପୋଲିସ ତାହାକୁ ପୂଜା ସମୟରେ ଆଦାୟ କରିବାରେ ଲାଗିପଡ଼ିଥିବା ପୂଜା ବୁଲି ଆସିଥିବା କେତେଜଣ ଦର୍ଶକ ପ୍ରକାଶ କରିଛନ୍ତି। ତୁରନ୍ତ ପୋଲିସ ଏପରି ଜୁଲମ୍ ବନ୍ଦ କରିବାକୁ ସହରବାସୀ ଦାବି କରିଛନ୍ତି।


ପୋଲିସ ଗାଡ଼ି ଯାଞ୍ଚ କରୁଛି।

### ସର୍ଭଫର୍ ପିପୁଲ ଟିମ୍‌ର ଚାରାରୋପଣ

**ହାଟଡିହୀ,୧୫।୧୦(ଡି.ଏନ୍.ଏ.)** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳଣିଆ ନିକଟସ୍ଥ ଭାଟିଆଶୁଣି ପଡିଆର ଚତୁଃପାର୍ଶ୍ୱରେ ସର୍ଭ ଫର୍ ପିପୁଲ ଟିମ୍ ତରଫରୁ ବୃକ୍ଷରୋପଣ କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରାଯିବା ସହ ଏହାର ସୁରକ୍ଷାବାଡାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଟିମ୍‌ର ଏପରି ପଦକ୍ଷେପକୁ ପ୍ରଶଂସା କରାଯାଇଛି।

■ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବି

# ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ



କମିଟିର ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଆଠମଲ୍ଲିକ,୧୫।୧୦(ଡି.ଏନ.ଏ.)**

ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ଦାବିରେ ମଙ୍ଗଳବାର ଧଉରାଗୋଠ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟି ସଦସ୍ୟମାନେ ସ୍ଥାନୀୟ ଖେଳପଡିଆଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ପରେ କମିଟି ସଭାପତି ନିର୍ମଳ ନାଏକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ଉପଦେଷ୍ଟା ତୀର୍ଥବାସୀ ଭୋଇ, ଅଲ୍‌ଇଣ୍ଡିଆ କୃଷକ କ୍ଷେତ ମଜଦୁର୍ ସଙ୍ଗଠନ ଜିଲା ସମ୍ପାଦକ ସୁବାସ ପ୍ରଧାନ, ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲାସମ୍ପାଦକ ଭିକାରୀ ପ୍ରଧାନ, କମିଟି ଉପସଭାପତି ଭଗବାନ ସାହୁ, ସୁବାସ ସାହୁ, ମାଧବ ନାୟକ, ସୁଶୀଳ ପ୍ରଧାନ, ଅଗସ୍ତୀ ସାହୁ, ଉଦୟନାଥ ସାହୁ, ଗଗନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଲେ ଆଠମଲ୍ଲିକ ଉପଖଣ୍ଡର ବିଲେଇନାଳି, ପେଡିପଥର, ସାନହୁଲା, କୁରୁମଟାପ, କୃତ୍ତିବାସପୁର ଆଦି ପଞ୍ଚାୟତର ୨୨ଟି ଗ୍ରାମର ୯ ହଜାର ଏକର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ୧୯୮୩ରେ ସର୍ଭେ ହୋଇଥିବା ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ୨୦୦୭ରେ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୬୭ କୋଟି ୬୩ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳ କରିଥିଲେ। ମାତ୍ର ପ୍ରଶାସନିକ ଅବହେଳା ତଥା ଜଳସେଚନ ବିଭାଗର ଉଦାସୀନତା ପାଇଁ ଏହି କାର୍ଯ୍ୟ ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ତୁରନ୍ତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

■୭ ଘଣ୍ଟା ସ୍ଥାନରେ ୩ ଘଣ୍ଟା କାମ କରୁଛନ୍ତି ସଫେଇ କର୍ମଚାରୀ

# ପାର୍ବଣରେ ଅଳିଆ ଅନୁଗୋଳ ସହର

**ଅନୁଗୋଳ ଅଫିସ, ୧୫।୧୦**

- ■ଠିକା ସଂସ୍ଥାକୁ ଦିଆଗଲା ରିପୋର୍ଟ ତଲବ
- ■ଠିକ୍ ସଫେଇ ନ କଲେ ଏତଲା
- ■ଲୋକ ପ୍ରତିନିଧିଙ୍କ ସହଯୋଗ ଲୋଡ଼ାଗଲା

ଅନୁଗୋଳ ସହର ସଫେଇ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର କର୍ମଚାରୀ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଏ ନେଇ ଠିକା ସଂସ୍ଥା ପକ୍ଷରୁ ତଦାରଖ କରାଯାଉ ନାହିଁ କି ତାଗିଦ ମଧ୍ୟ ହେଉନାହିଁ। ତେଣୁ ମନମାନି କରୁଥିବା କର୍ମଚାରୀମାନେ ଦୈନିକ ୭ ଘଣ୍ଟା ପରିବର୍ତ୍ତେ ମାତ୍ର ୩ ଘଣ୍ଟା କାମ କରୁଥିବାରୁ ସହରରେ ଅଳିଆ ଆବର୍ଜନା ପଡ଼ିରହୁଛି। ମଙ୍ଗଳବାର ଏପରି କାର୍ଯ୍ୟ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଅବଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ପୌର ନିର୍ବାହୀ ଅଧିକାରୀ ଚିଠି ନଂ ୪୩୪୧୧/୧୫.୧୦.୧୯ରେ ରିପୋର୍ଟ ତଲବ କରିଛନ୍ତି।

ଅନୁଗୋଳ ସହର ସଫେଇ କରିବା ପାଇଁ ୧୩୧ ଜଣ କର୍ମଚାରୀ ନିଯୁକ୍ତି ଦେଇଛି ଠିକା ସଂସ୍ଥା। ସହରକୁ ତିନୋଟି ଜୋନ୍‌ରେ ବିଭକ୍ତ କରି ତଦାରଖ ପାଇଁ ଜଣେ ଲେଖାଏ ସୁପରଭାଇଜର ନିଯୁକ୍ତି ଦିଆଯାଇଛି। କିନ୍ତୁ କୌଣସି ଜୋନରେ ଜଣେ ହେଲେ ବି ସୁପରଭାଇଜରଙ୍କୁ କାର୍ଯ୍ୟ ସମୟରେ ଦେଖିବାକୁ ମିଳୁନାହିଁ। ଏହା ଜାଣିବା ପରେ ପୌର କର୍ତ୍ତୃପକ୍ଷ ମଙ୍ଗଳବାର ଉକ୍ତ ଠିକା ସଂସ୍ଥାକୁ ରିପୋର୍ଟ ତଲବ କରିବା ସହ ତୁରନ୍ତ ଅଳିଆ ହଟାଇବା ନିମନ୍ତେ ପଦକ୍ଷେପ ନେବାକୁ ତାଗିଦ କରିଛନ୍ତି। ଏହା ନ ହେଲେ ଚୁକ୍ତିନାମା ରଦ୍ଦ କରିଦିଆଯିବ ବୋଲି ଉକ୍ତ ଚିଠିରେ ନିର୍ବାହୀ ଅଧିକାରୀ ଉଲ୍ଲେଖ କରିଛନ୍ତି। ଏଥିସହ ପୌରପାଳିକା ସଫେଇ ବାବଦକୁ ଟଙ୍କାଟିଏ ବି ଦେବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଛନ୍ତି। ସହର ସଫେଇ ପାଇଁ ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ସେଥିରୁ ଗୋଟିଏ ଘଣ୍ଟା ଖାଇବା ଛୁଟି ମଧ୍ୟ ରହିଛି। କିନ୍ତୁ ସଫେଇ କର୍ମଚାରୀମାନେ ସକାଳ ୬ଟାରୁ ଆସୁଥିଲେ ମଧ୍ୟ ପୂର୍ବାହ୍ନ ୯ଟାରେ କାମ ସାରି ଚାଲିଯାଉଛନ୍ତି। ଏହାପରେ ସେମାନଙ୍କୁ ଖୋଜିବା ବେଳକୁ କାହାରି ଦେଖା ମିଳୁନାହିଁ। ସହରରୁ ପ୍ରତ୍ୟେକ ଦିନ ୩ ଟ୍ରିପ୍ ଅଳିଆ ଉଠାଇବାକୁ ପୌରପାଳିକା ଯୋଜନା କରୁଥିଲେ ବି ସଫେଇ କର୍ମଚାରୀ ଗୋଟିଏ ଟ୍ରିପ୍ ଲୋଡ ଦେଉଛନ୍ତି। ଫଳରେ ସହରରେ ଅଳିଆ ସଫା କରିବାରେ ସମସ୍ୟା ହେଉଛି ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ଏ ନେଇ ପୌରନିର୍ବାହୀ ଅଧିକାରୀ କହିଛନ୍ତି, ସହରର ଅଳିଆ ସଫା କରିବା ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ସଫେଇ କର୍ମଚାରୀମାନେ ମଧ୍ୟ ଖିଲାପ କରୁଛନ୍ତି। ଏଣିକି ଏଥିରେ ଢିଲା ମାରିଲେ ସଫେଇ କର୍ମଚାରୀଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ। ଯଦି ଲୋକପ୍ରତିନିଧିମାନେ ଦୁଇଟି ସଫେଇ ମେଶିନ ଦାନ କରନ୍ତେ ତାହେଲେ ଅଳିଆ ସମସ୍ୟା ରୁହନ୍ତା ନାହିଁ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ୧୬ ଅକ୍ଟୋବର /୨୦୧୯, Dhenkanal, Wednesday, October 16 / 2019

■ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣା

# ଡିଏନ୍‌ଏ ପରୀକ୍ଷା ପାଇଁ ନାକେଦମ

**ପରଜଙ୍ଗ, ୧୫।୧୦(ଡି.ଏନ.ଏ.)**



■ପୋଲିସ ଥାନାକୁ ଡାକି ହଇରାଣ କରୁଥିବା ଅଭିଯୋଗ

■ପରିବାର ଲୋକଙ୍କଠାରୁ ଏଯାଏ ସଂଗୃହୀତ ହୋଇନି ରକ୍ତ

■ଜିଲାପାଳଙ୍କ ନିକଟରେ ନ୍ୟାୟ ଦାବି କଲେ ଶାଶୁ,ବୋହୂ

ନଦୀରେ ଡଙ୍ଗା ବୁଡ଼ିଲାନି ଯେ ସେଥିରେ ସବୁ ସ୍ୱପ୍ନ ଛାରଖାର ହୋଇଗଲା। ଉଦ୍ଧାର ହୋଇଥିବା ମୃତଦେହ ପୁଅର କି ନୁହେଁ, ସେକଥା ଏବେସୁଦ୍ଧା ସ୍ପଷ୍ଟ ହେଉନି। ଶୁଦ୍ଧିକ୍ରିୟା ଅଧାରେ ଅଟକିଛି। ଦୁର୍ଘଟଣାର ମାସେ ପରେ ବି ଡିଏନ୍‌ଏ ପରୀକ୍ଷା ପ୍ରକ୍ରିୟା ଶେଷ ହେଉନାହିଁ। ଏଯାଏ ଘର ଲୋକଙ୍କ ପାଖରୁ ରକ୍ତ ସଂଗ୍ରହ କରାଯାଇନାହିଁ। ଦୁଃଖ ଭିତରେ ପୋଲିସର ବ୍ୟବହାର ସବୁଠୁ ବେଶି କଷ୍ଟ ଦେଉଛି। ବାରମ୍ବାର ଥାନାକୁ ଡକାଇ ହଇରାଣ ହରକତ କରାଯାଉଛି। ଏପରି କଷ୍ଟ କାହାରିକୁ ନ ମିଳୁ ବୋଲି କହିଛନ୍ତି ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣାରେ ନିଖୋଜ ସୁଶାନ୍ତ ସାହୁ (୩୧)ଙ୍କ ମା' କୁନି। ମୃତଦେହ ଚିହ୍ନଟ କରିବା ଲାଗି ଡିଏନ୍‌ଏ ରିପୋର୍ଟ ଅତ୍ୟାବଶ୍ୟକ ଥିବାବେଳେ ଏଥିରେ ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇବାକୁ କୁନି ଏବଂ ସୁଶାନ୍ତଙ୍କ ସ୍ତ୍ରୀ ଶୁଭଶ୍ରୀ ସୋମବାର ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଗୁହାରି କରିଛନ୍ତି।

ସେପ୍ଟେମ୍ବର ୭ରେ କୁନ୍ଦନଦେଈପୁର ଡଙ୍ଗାବୁଡ଼ି ଘଟଣାରେ ୪ଜଣ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ରୋଡ୍ ଗ୍ରାମର ବସନ୍ତ ସାହୁଙ୍କ ରୋଜଗାରିଆ ବଡ଼ ପୁଅ ସୁଶାନ୍ତ ନିଖୋଜ ଥିଲେ। ୧୩ ତାରିଖରେ ଭୁବନ ଥାନା ମାଳପୁରା ନିକଟ ବ୍ରାହ୍ମଣୀ ନଦୀରୁ ଏକ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପରିବାର ଲୋକେ ପହଞ୍ଚି ଉକ୍ତ ମୃତଦେହ ସୁଶାନ୍ତଙ୍କର ବୋଲି ଚିହ୍ନଟ କରିଥିଲେ। ଏହାକୁ ବ୍ୟବଚ୍ଛେଦ ଲାଗି ଭୁବନ ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ଏହି ସମୟରେ କାମାକ୍ଷାନଗର ନୂଆଆଳତୁମା ଗ୍ରାମର କେତେଜଣ ବ୍ୟକ୍ତି ପହଞ୍ଚି ଉକ୍ତ ମୃତଦେହ କରୁଣାକର ମଲ୍ଲିକଙ୍କ ବୋଲି ଦାବି କରିଥିଲେ। ଗୋଟିଏ ମୃତଦେହର ଦୁଇଜଣ ଦାବିଦାର ବାହାରିବା ପରେ ଶେଷରେ ଡିଏନ୍‌ଏ ପରୀକ୍ଷା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିରେ ଉଭୟ ପକ୍ଷ ସହମତି ଜଣାଇଥିଲେ।

କୁନିଙ୍କ କହିବା କଥା, ପୁଅର ଶେଷକୃତ୍ୟ ପାଇଁ ଶ୍ମଶାନକୁ କାଠ ନିଆଯିବା ବେଳକୁ ସବୁକିଛି ଓଲଟପାଲଟ ହୋଇଗଲା। ମୃତଦେହକୁ ଶବାଗାରରେ ରଖାଗଲା। ନିୟମ ଅନୁଯାୟୀ ପ୍ରଶାସନ ଶବ ସତ୍କାର କଲା। ପୁଅର ମୃତ୍ୟୁ ହୋଇଥିବା ବିଚାର କରି ଯେନତେନ ପ୍ରକାରେ ସମସ୍ତେ ଶୁଦ୍ଧି ହେଲୁ। ଭୁବନ ପୋଲିସଠାରୁ ସୂଚନା ପାଇ ୩ ଥର ସ୍ୱାମୀ ଏବଂ ସେ ଥାନାକୁ ଯାଇଥିଲେ। ହେଲେ ପୋଲିସ ସହାୟତା କରିବା ବଦଳରେ ସକାଳୁ ସଞ୍ଜ ଯାଏ ଥାନାରେ ବସାଇ ଫେରାଇ ଦେଇଥିଲା। ରୋଡ୍‌ରୁ ଭୁବନର ଦୂରତା ୮୦ କିଲୋମିଟର। ଯିବା ଆସିବାରେ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଘଟଣାକୁ ମାସେ ବିତିଯାଇଥିବା ବେଳେ ଡିଏନ୍‌ଏ ପରୀକ୍ଷା କାମ ଶେଷ ହେଉନାହିଁ। ବର୍ତ୍ତମାନ ପରିବାର ଲୋକଙ୍କ ରକ୍ତ ନିଆଯାଇନାହିଁ। ପରୀକ୍ଷା ପାଇଁ ଆବଶ୍ୟକ ପ୍ରକ୍ରିୟା ଶେଷ ହୋଇପାରି ନ ଥିବାରୁ ସରକାରୀ ସହାୟତା ମିଳୁନାହିଁ। ଏପରି ସ୍ଥିତିରେ ବୋହୂ ଶୁଭଶ୍ରୀ ଏବଂ ୧୦ ମାସର ନାତିର ଭବିଷ୍ୟତ ଅନ୍ଧକାର ହୋଇଯାଇଛି ବୋଲି କହିଛନ୍ତି କୁନି।

ଏ ନେଇ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା କୁହନ୍ତି, ମୃତଦେହର ଦୁଇଜଣ ଦାବିଦାର ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଡିଏନ୍‌ଏ ପରୀକ୍ଷା ପାଇଁ କ୍ରାଇମବ୍ରାଞ୍ଚ ତରଫରୁ ଏଫ୍‌ଟି କାର୍ଡ ଦିଆଯାଇଥାଏ। ଏହା ପରେ ରକ୍ତ ପରୀକ୍ଷା କରାଯିବା ବ୍ୟବସ୍ଥା ଅଛି। ଏହି କାମରେ ବୋଧେ ବିଳମ୍ବ ହୋଇଛି। ହେଲେ ପୋଲିସ କାହିଁକି ଡାକି ହଇରାଣ କରୁଛି ସେ ଜାଣି ନ ଥିବା କହିଛନ୍ତି। ଏ ସମ୍ପର୍କରେ ପଚାରି ବୁଝିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମଧ୍ୟ ଏହାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ଆନ୍ଦୋଳନ ଚେତାବନୀ ପରେ ଚେତାପଶିଲା

# ଗୋ–ଚାଲାଣ ର୍‍ୟାକେଟ୍ ତଥ୍ୟ ଦେଲା ପୋଲିସ

**ଢେଙ୍କାନାଳ ଅଫିସ, ୧୫।୧୦**



■ଅନୁଗୋଳ, ବାବନ୍ଧ ଗୋଶାଳାକୁ ଗଲେ ୯୯ ଗୋରୁ

■୨ ଗାଡ଼ି ମାଲିକଙ୍କୁ ଅଟକ ରଖି ପଚରାଉଚୁରା

ଢେଙ୍କାନାଳ ଜିଲାରୁ ରାଜ୍ୟ ବାହାରକୁ ବ୍ୟାପକ ମାତ୍ରାରେ ଗୋ–ଚାଲାଣ ହେଉଛି। ଗତ ୧୨ ତାରିଖରେ ନିହାଲପ୍ରସାଦ ଅଞ୍ଚଳରୁ ପୋଲିସ ଚଢ଼ାଉ କରି ୬ ଗୋରୁ ଭର୍ତ୍ତି କଣ୍ଟେନର ଜବତ କରିଥିଲା। ବର୍ଷକ ମଧ୍ୟରେ ଏହା ଥିଲା ୫ମ ଘଟଣା। ଏଥିରେ ବିଧିବଦ୍ଧ ଭାବେ ଏକ ର୍‍ୟାକେଟ୍ କାମ କରୁଥିବା ଜଣାପଡ଼ିଛି। ଅନ୍ୟପଟେ ଏପରି ବେଆଇନ କାରବାର ପାଇଁ ପୋଲିସ ପ୍ରଶାସନର ନିଷ୍କ୍ରିୟତାକୁ ଅଙ୍ଗୁଳି ଉଠାଇଛନ୍ତି ବିଭିନ୍ନ ରାଜନୈତିକ ଦଳ, ଗୋସୁରକ୍ଷା କର୍ମୀ ଏବଂ ବୁଦ୍ଧିଜୀବୀ। ବିଶେଷ କରି ଭାଜପା ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେବାପରେ ପୋଲିସ ଗୋ–ଚାଲାଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଛି।

୬ କଣ୍ଟେନରରେ ୪୨୨ ଗୋରୁଙ୍କୁ ଦୟନୀୟ ଅବସ୍ଥାରେ ଲଦାଯାଇ ଅନୁଗୋଳରୁ କଲିକତା ଚାଲାଣ କରାଯାଉଥିଲା। ଗୋ–ଚାଲାଣରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ୩ଟି ଚାରିଚକିଆ ଯାନ, ୪ପର୍ସ, ନଗଦ ୬୨୦୦ଟଙ୍କା, ଗୋଟିଏ ମୋବାଇଲ, ୩ଛୁରି, ଗାଡ଼ିର କାଗଜପତ୍ର ଜବତ କରାଯାଇଥିଲା। ୩୪ ଗୋରୁ ପ୍ରାଣ ହରାଇଥିଲେ। ଗୁରୁତର ଗୋରୁଙ୍କୁ ଚିକିତ୍ସା କରାଯାଇଛି। ଉପଜିଲାପାଳ ଏବଂ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ନିଷ୍ପତ୍ତିକ୍ରମେ ୯୯ ଗୋରୁଙ୍କୁ ଅନୁଗୋଳ ରନ୍ତଲେଇସ୍ଥିତ ଶ୍ରୀଗୋପାଳ ଗୋଶାଳା ଏବଂ ହିନ୍ଦୋଳ ବ୍ଲକ ବାବନ୍ଧ ଗ୍ରାମରେ ଥିବା ଗୋଶାଳାରେ ରଖାଯାଇଛି। ୨ କଣ୍ଟେନର ମାଲିକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି ମଙ୍ଗଳବାର ଏସ୍‌ପି ଅନୁପମା ଜେମ୍‌ସ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଭାଜପା ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି ଏପରି ଗୋଚାଲାଣରେ ପୋଲିସ ସମ୍ପୃକ୍ତି ନେଇ ସଙ୍ଗିନ ଅଭିଯୋଗ ଆଣିଥିଲେ। ଏହାର ନିରପେକ୍ଷ ତଦନ୍ତ ନ କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଘଟଣା ପରଠାରୁ ଏ ନେଇ ତଥ୍ୟ ପ୍ରଦାନରେ ପୋଲିସ ପକ୍ଷପାତିତା ନୀତି ଅବଲମ୍ବନ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଥିଲା।

ଏ ନେଇ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ରଙ୍କ ମତାମତ ଲୋଡ଼ାଯାଇଥିଲା। ହେଲେ ସେ ନିହାଲପ୍ରସାଦ ଥାନାଧିକାରୀ ସୂଚନା ଦେବେ ବୋଲି କହି ଏଡ଼ାଇ ଯାଇଥିଲେ। ଏସ୍‌ପିଙ୍କୁ ଯୋଗାଯୋଗ କରିବାରେ ସେ ଏସ୍‌ଡିପିଓ ସୂଚନା ଦେବେ ବୋଲି କହିଥିଲେ। ଭାଜପାର ଆନ୍ଦୋଳନ ଚେତାବନୀ ପରେ ହଠାତ୍ ପୋଲିସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସବିଶେଷ ସୂଚନା ଦିଆଯିବା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

# ୫ ଗ୍ରାହକ ସେବାକେନ୍ଦ୍ର ପୁରସ୍କୃତ




ପୁରସ୍କୃତ ହୋଇଥିବା ଗ୍ରାହକ ସେବାକେନ୍ଦ୍ରର ସ୍ୱତ୍ୱାଧିକାରୀ ଓ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୫।୧୦**

ଉଲ୍ଲେଖନୀୟ ସେବା ପାଇଁ ଢେଙ୍କାନାଳ ଜିଲାର ୫ ଗ୍ରାହକ ସେବାକେନ୍ଦ୍ର ସ୍ୱତ୍ୱାଧିକାରୀ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବାଙ୍ଗଶିଆର ବିମଳ ପଣ୍ଡା, ମହୁଲଖୋଳିର ମୋନାଲିସା ରାଉତ, ଶ୍ରୀରାମଚନ୍ଦ୍ରପୁରର ଅଞ୍ଜନ ପଣ୍ଡା, ଶୋରିଷିଆପଦାର ବିଜୟ ପଣ୍ଡା, ଭୁବନ ଗ୍ରାହକ ସେବାକେନ୍ଦ୍ରର ଶୁଭେନ୍ଦୁ କୁମାର ମିଶ୍ର। ସମ୍ପୃକ୍ତ କର୍ମଚାରୀମାନେ ଭାରତ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ, ଏସ୍‌ବିଆଇ ପକ୍ଷରୁ ପ୍ରଦାନ କରାଯାଉଥିବା ସେବା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

ଷ୍ଟେଟ୍ ବ୍ୟାଙ୍କର ବରିଷ୍ଠ ସାଧାରଣ ପରିଚାଳକ କୃଷ୍ଣ ଚନ୍ଦ୍ର ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଉଭୟ ସହର ଏବଂ ଗ୍ରାମାଞ୍ଚଳର ଆର୍ଥିକ ପ୍ରଗତିରେ ଗ୍ରାହକ ସେବାକେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃଷି ଋଣ ପ୍ରଦାନ, ପରିଶୋଧ, କ୍ଷୁଦ୍ରଶିଳ୍ପ ପାଇଁ ପ୍ରୋତ୍ସାହନ, ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଗ୍ରାହକ ସେବାକେନ୍ଦ୍ର ସହାୟକ ହେବ ବୋଲି ମତ ରଖିଥିଲେ। ଶାଖା ପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଜୋନ୍–୨ ଭୁବନେଶ୍ୱର ଅଧୀନରେ ୮ ଜିଲାରେ ୧୫୦୦ ଗ୍ରାହକ ସେବାକେନ୍ଦ୍ର କାର୍ଯ୍ୟକ୍ଷମ ରହିଛି।

## ସ୍କୁଲରେ ଲାଗିଲା ଚାରା



**ପରଜଙ୍ଗ, ୧୫।୧୦(ଡି.ଏନ୍.ଏ.)**

ସବୁଜ ପରିବେଶ, ସୁସ୍ଥ ପରିମଳ ବାର୍ତ୍ତା ନେଇ 'ଯୁବଶକ୍ତି' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପରଜଙ୍ଗ ବ୍ଲକ ବାରିହାପୁର ହାଇସ୍କୁଲ ପରିସରରେ ଚାରାରୋପଣ ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ହିମାଂଶୁ ଭୂଷଣ ବାରିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ରମେଶ ସାହୁ ଗଛ ଲଗାଇ ଏହାର ଶୁଭାରମ୍ଭ କରିଥିଲେ। ଜ୍ଞାନରଞ୍ଜନ ସାହୁ, ଶୀତଲ ପ୍ରଧାନ, ଭିଭେଶ ରୋଶନ ସାହୁ, ସଚିନ ସାହୁ, ରାଜେଶ ବିଶ୍ୱାଳ, ପ୍ରକାଶ ବିଶ୍ୱାଳ, ଲିଟୁସାହୁ, କୁନାଲ ବିଶ୍ୱାଳ, ସତ୍ୟଜିତ ନାୟକ, ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ। ଲଗାଯାଇଥିବା ଚାରାଗୁଡ଼ିକୁ ନିୟମିତ ପାଣିଦେଇ ବଞ୍ଚାଇ ରଖିବା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଛନ୍ତି।




## ମାର୍ଗାରେଟ, ବର୍ନାର୍ଡାଇନ୍‌ଙ୍କୁ ବୁକର୍ ପୁରସ୍କାର



**ଲଣ୍ଡନ,୧୫।୧୦**

କାନାଡା ଲେଖିକା ମାର୍ଗାରେଟ ଅଟଉଡ୍ ଏବଂ ବ୍ରିଟିଶ୍ ଲେଖିକା ବର୍ନାର୍ଡାଇନ୍ ଏଭାରିଷ୍ଟୋ ଚଳିତ ବର୍ଷ ମିଳିତ ଭାବେ ବୁକର୍ ପୁରସ୍କାର ପାଇବେ। ପ୍ରଥମ ଥର ଲାଗି ବିଚାରକ ବୁକର୍ ପୁରସ୍କାର ନିୟମ ଭାଙ୍ଗି ଦୁଇଜଣଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରିଛନ୍ତି। ବ୍ରିଟିଶ ଭାରତୀୟ ଲେଖକ ସଲମାନ ରୁଶ୍‌ଦିଙ୍କ ନାଁ ୬ ଜଣିଆ ସଂକ୍ଷିପ୍ତ ତାଲିକାରେ ଥିଲେ ହେଁ ତାହା ବୃତାନ୍ତ ପର୍ଯ୍ୟାୟରେ ସ୍ଥାନ ପାଇପାରିନାହିଁ। ବୁକର୍ ପୁରସ୍କାର ଜିତିବାରେ ମାର୍ଗାରେଟ(୭୯) ସବୁଠୁ ବରିଷ୍ଠ ହୋଇଥିଲାବେଳେ ବର୍ନାର୍ଡାଇନ୍ ପ୍ରଥମ ଅଣଶ୍ୱେତାଙ୍ଗ ମହିଳା। ବୁକର୍ ନିୟମ ଅନୁଯାୟୀ ଏହି ପୁରସ୍କାରକୁ ଭାଗ କରାଯାଇ ନ ଥାଏ। ତେବେ ଉଭୟ ଲେଖିକାଙ୍କ ପୁସ୍ତକ ମଧ୍ୟରୁ କାହାକୁ ବାଦ୍ ଦିଆଯାଇ ପାରିବ ନାହିଁ ବୋଲି ବିଚାରକ କହିବା ପରେ ପ୍ରଥମ ଥର ଲାଗି ନିୟମ ଭାଙ୍ଗି ଉଭୟ ମହିଳାଙ୍କୁ ମନୋନୀତ କରାଯାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ